# ବିଶ୍ୱ ମହିଳା ଦିବସ ପାଳିତ

ଅଦ୍ୟ ତା ୦୮.୦୩.୨୦୨୦ ରିଖ ଦିନ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ମଳୟ ରଂଜନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଢେଙ୍କାନାଳ, ଜିଲ୍ଲା ପ୍ରସାଶନ ଏବଂ ISWO, ଢେଙ୍କାନାଳ ଙ୍କ ମିଳିତ ଆନୁକୁଲ୍ୟରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଅଛି । ଏହି ଅବସରେ ଏକ ରାଲି ସ୍ଥାନୀୟ ବାଜିଚୌକ ଠାରୁ ଗୋପବନ୍ଧୁ ଟାଉନ ହଲ୍ ପର୍ଯ୍ୟନ୍ତ କରାଯାଇଥିଲା । ଏହି ରାଲି କୁ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରତିମା ପଣ୍ଡା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ମଳୟ ରଂଜନ ଦାଶଙ୍କ ସଭାପତିତ୍ୱରେ ଗୋପବନ୍ଧୁ ଟାଉନ ହଲ୍‌ରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ମଳୟ ରଂଜନ ଦାଶ, ଅତିରିକ୍ତ ଜିଲ୍ଲା ଜଜ୍ ତଥା ସତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରତିମା ପଣ୍ଡା, ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷକ ଶ୍ରୀ ବିନୟ ଚନ୍ଦ୍ର କାମେଲା ଏବଂ ଜିଲ୍ଲା ଆଇନ ସେବା ପ୍ରଧିକରଣର ସଚିବ ଶ୍ରୀ ସୁକାନ୍ତ କିଶୋର ଜେନା ଦୀପ ପ୍ରଜ୍ୱଳନ କରିବା ସହିତ ଛୋଟ ବୃକ୍ଷରେ ଜଳ ସିଂଚନ କରି ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଦୌରା ଜଜ୍ ତଥା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ମଳୟ ରଂଜନ ଦାଶ ବିଭିନ୍ନ ସତ୍ୟ ଘଟଣାର ଉଦାହରଣ ମଧ୍ୟମରେ ମହିଳାଙ୍କ ମୌଳିକ ଅଧିକାର ଓ ଗୁରୁତ୍ୱ ଉପରେ ନିଜ ଅଭିଭାଷଣ ରଖିଥିଲେ । ଅତିରିକ୍ତ ଜିଲ୍ଲା ଜଜ୍ ତଥା ସତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରତିମା ପଣ୍ଡା ମୁଖ୍ୟ ବକ୍ତା ଭାବରେ PC and PNDT Act,POCSO Act ବିଷୟରେ ଉପସ୍ଥିତ ମହିଳା ଏବଂ ସାଧାରଣ ଜନତା ମାନଙ୍କୁ ସଚେତନ କରାଇଥିଲେ । ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ମହିଳା ମାନେ ସମାଜର ମୁଖ୍ୟ ସ୍ରତରେ ସାମିଲ ହୋଇ ସମାଜକୁ ଉନ୍ନତି ପଥରେ ଆଗେଇ ନେବାକୁ ନିଜର ଅଭିଭାଷଣ ମଧ୍ୟମରେ ଆହ୍ୱାନ କରିଥିଲେ । ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ସୁଭାସିନି ମହାକୁଡ, ମମତା ମିଶନ ଶକ୍ତିର ସଂଯୋଜିକା ମୋନାଲିସା ଭଂଜ ମହିଳା ମାନଙ୍କର ମୌଳିକ ଅଧିକାର ବିଷୟରେ ଆଲୋକପାତ କରିଥିଲେ ଏବଂ ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ପୁରଷ୍କୃତ କରାଯାଇଥିଲା । ୟୁନିସେଫର ସଂଯୋଜିକା ଅଂଗୁରବାଳା ମିଶ୍ର ମହିଳାଙ୍କର ଉନ୍ନତି ନିମନ୍ତେ ସମସ୍ତେ ସାହାଯ୍ୟ କରିବା ପାଇଁ ଉପସ୍ଥିତ ମହିଳା ଏବଂ ସାଧାରଣ ଜନତା ମାନଙ୍କୁ ଶପଥ ପାଠ କରାଇଥିଲେ । ପରିଶେଷରେ ଜିଲ୍ଲା ଆଇନ ସେବା ପ୍ରଧିକରଣର ସଚିବ ଶ୍ରୀ ସୁକାନ୍ତ କିଶୋର ଜେନା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱ କୁନ୍ତଳ ଶିଶୁ ଗୃହ ମହୁଲପଡା ର ଛାତ୍ରି ମାନଙ୍କ ଦ୍ୱାରା ଏକ ନୃତ୍ୟ ପ୍ରଦଶନ କରାଯାଇଥିଲା । ଏହି ଅବସରେ ବରିଷ୍ଠ ଦେଓାନୀ ଅଦାଲତ (ଏଲ.ଆର. ଓ ଏଲ୍.ଟି.ଭି) ବିଚାରପତି ଶ୍ରୀ ସୁଶିଲ କୁମାର ସାହୁ, ବରିଷ୍ଠ ଦେଓାନୀ ବିଚାରପତି( ମହିଳାଙ୍କ ଅଦାଲତ) ଗିତାଂଜଳ ନନ୍ଦ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ଅଭିଜିତ୍ କୁମାର ପୁରୋହିତ୍, , ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଶା ଅଗ୍ରଓାଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋଶ୍ୱାର୍ମି, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର Panel Lawyer ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରକୁ ISWO ର ସମ୍ପାଦିକା ପୁଷ୍ପାଂଜଳି ଜେନା ପରିଚାଳନା କରିଥିଲେ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର PLV ସହଯୋଗ କରିଥିଲେ ।

Sd/-
Secretary
DLSA, Dhenkanal.